## ତୃତୀୟ ଅଧ୍ୟାୟ

# ମୋଗଲ ସାମ୍ରାଜ୍ୟ (୧୫୨୬-୧୭୦୭)

### ମୋଗଲମାନଙ୍କ ଭାରତ ଆଗମନ:

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ତୁଗ୍‌ଲକ୍ ବଂଶର ପତନ ପରେ ସୁଲତାନ ଶାସନ ଦୁର୍ବଳ ହୋଇପଡ଼ିଲା। ସାମନ୍ତ ଓ ପ୍ରାଦେଶିକ ଶାସକମାନେ ସୁଲତାନ୍‌ମାନଙ୍କୁ ଖାତିର ନ କରି ନିଜ ନିଜର ସ୍ୱାଧୀନତା ଘୋଷଣା କରିଥିଲେ । ଫଳରେ ଦେଶରେ ଅରାଜକତା ଓ ବିଶୃଙ୍ଖଳା ଦେଖାଦେଲା। ସେତେବେଳେ ଦିଲ୍ଲୀରେ ଲୋଦୀବଂଶର ସୁଲତାନ୍ ଇବ୍ରାହିମ୍ ଲୋଦୀ ରାଜତ୍ୱ କରୁଥିଲେ । ତାଙ୍କ ସ୍ୱେଚ୍ଛାଚାରୀ ଶାସନରେ ଆଫଗାନ ଅମୀରମାନେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ । ତାଙ୍କୁ କ୍ଷମତାରୁ ବିତାଡ଼ିତ କରିବା ପାଇଁ ସେମାନେ କାବୁଲର ରାଜା ବାବରଙ୍କ ସାହାଯ୍ୟ ଲୋଡ଼ିଲେ । ଠିକ୍ ଏହି ସମୟରେ ବାବର ଭାରତ ଆକ୍ରମଣ କରିବା ପାଇଁ ଚେଷ୍ଟା କରୁଥିଲେ । ତେଣୁ ସେ ଆଫଗାନ ଅମୀରଙ୍କ ଅନୁରୋଧ ରକ୍ଷା କରି ଭାରତ ଆକ୍ରମଣ କରିଥିଲେ । ଦୀର୍ଘ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ଅଧୀନରେ ଭାରତୀୟମାନେ ରହିଥିଲେ । ବର୍ତ୍ତମାନ ଭାରତର ପ୍ରଧାନମନ୍ତ୍ରୀ, ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଦେଶକୁ ଯେଉଁ ଉଦ୍‌ବୋଧନ ଦିଅନ୍ତି, ତାହା ମୋଗଲ ସମ୍ରାଟମାନଙ୍କ ବାସଭବନ ଥିଲା।

**ତୁମେ ଜାଣିଛ କି?**
ମୋଗଲ ବଂଶର ନାମ 'ମୋଙ୍ଗଲ' ଶବ୍ଦରୁ ଆସିଛି, ଏହି ବଂଶ ଭାରତକୁ ଦୀର୍ଘଦିନ ଧରି ଶାସନ କରିଥିଲେ ।



ଲାଲ୍‌କିଲ୍ଲା

## ବାବର (୧୫୨୬-୧୫୩୦)



ବାବର

ବାବର ତୈମୁରଲଙ୍ଗଙ୍କ ବଂଶଧର ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଉମରଶେଖ ମିର୍ଜା। ସେ ତୁର୍କୀସ୍ତାନ ଅନ୍ତର୍ଗତ ଫରଗଣାର ରାଜା ଥିଲେ । ବାବର ଜଣେ ସାହାସୀ ବୀର ଥିଲେ ଓ ସୈନ୍ୟ ଚାଳନାରେ ତାଙ୍କର ବିଶେଷ ଦକ୍ଷତା ଥିଲା। ସେ କାବୁଲ ଓ କାନ୍ଦାହାର ଜୟ କରିଥିଲେ । ତାପରେ ସେ ଭାରତ ଆକ୍ରମଣ କଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ପାନିପଥ ନାମକ ସ୍ଥାନରେ ବାବର ଓ ଇବ୍ରାହିମ ଲୋଦୀଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହୋଇଥିଲା। ଏହା ପ୍ରଥମ ପାନିପଥ ଯୁଦ୍ଧ ନାମରେ ପ୍ରସିଦ୍ଧ । ବାବର ଏହି ଯୁଦ୍ଧରେ ବିଜୟ ଲାଭ କଲା ପରେ ଦିଲ୍ଲୀ ଓ ଆଗ୍ରା ଅଧିକାର କରି ଭାରତରେ ବିଶାଳ ମୋଗଲ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କଲେ ।




ବାବର ୧୫୨୭ ଖ୍ରୀଷ୍ଟାବ୍ଦରେ ରାଣାସଙ୍ଗଙ୍କୁ ଖାନ୍ୱାଠାରେ ପରାସ୍ତ କରିଥିଲେ। ଯାହା 'ଖାନ୍ୱା ଯୁଦ୍ଧ' ନାମରେ ପରିଚିତ । ଏହା ପରେ ସେ ମେଦିନୀ ରାଓଙ୍କ ବିରୋଧରେ ୧୫୨୮ ଖ୍ରୀଷ୍ଟାବ୍ଦରେ ଯୁଦ୍ଧ କରି ଚାନ୍ଦେରୀ ଦୁର୍ଗ ଅଧିକାର କରିଥିଲେ । ୧୫୨୯ ଖ୍ରୀଷ୍ଟାବ୍ଦରେ ନୁସରତ୍ ଓ ମାହମୁଦଙ୍କୁ ପାଟନା ନିକଟବର୍ତ୍ତୀ ଘର୍ଘରା ନଦୀ କୂଳରେ ପରାସ୍ତ କରିଥିଲେ । ଏହା ଘର୍ଘରା ଯୁଦ୍ଧ ନାମରେ ପରିଚିତ । ଏହି ଯୁଦ୍ଧ ବାବରଙ୍କ ଶେଷ ଯୁଦ୍ଧ । ଶେଷରେ ବାବର ୧୫୩୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ବାବରଙ୍କ ମୃତ୍ୟୁ ବେଳକୁ ତାଙ୍କ ସାମ୍ରାଜ୍ୟ ପଞ୍ଜାବଠାରୁ ବିହାର ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା।

ବାବର କେବଳ ଏକ ଯୋଦ୍ଧା ନ ଥିଲେ ବରଂ ସୁସାହିତ୍ୟିକ ଥିଲେ । ତୁର୍କୀ ଭାଷାରେ ସେ ଯେଉଁ ଆତ୍ମଜୀବନୀ ରଚନା କରିଥିଲେ ତାହା 'ବାବରନାମା' ନାମରେ ପ୍ରସିଦ୍ଧ ।

ନିମ୍ନରେ ଅଙ୍କିତ ଭାରତ ମାନଚିତ୍ରରେ ପାନିପଥ, ଖାନ୍‌ୱା ଓ ଘର୍ଘରାକୁ ଚିହ୍ନିତ କର ।



**ତୁମେ ଜାଣିଛ କି ?**

ପାନିପଥ: ଦିଲ୍ଲୀଠାରୁ କୁରୁକ୍ଷେତ୍ର ଆଡ଼କୁ ଯିବା ବେଳେ ପାନିପଥ ପଡ଼େ ।

ଖାନ୍‌ୱା : ଆଗ୍ରାଠାରୁ ପ୍ରାୟ ୩୨ କି.ମି. ଦୂରରେ ଫତେପୁର ନିକଟରେ ଖାନ୍‌ୱା ନାମକ ସ୍ଥାନ ଅଛି ।

## ହୁମାୟୁନ୍ (୧୫୩୦–୧୫୫୬)

ବାବରଙ୍କ ମୃତ୍ୟୁ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ହୁମାୟୁନ୍ ୧୫୩୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । କିନ୍ତୁ ମୋଗଲ ସାମ୍ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ନଥିବା ହେତୁ ଏହାର ସୁରକ୍ଷା ସକାଶେ ହୁମାୟୁନ୍‌ଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ହୁମାୟୁନ୍‌ଙ୍କ ରାଜ୍ୟଶାସନର ଆରମ୍ଭରେ ଆଫଗାନମାନେ ପୁଣି ଦିଲ୍ଲୀ ଉପରେ ଆଖି ପକାଇଲେ । ଏହି ସମୟରେ ହୁମାୟୁନ୍‌ଙ୍କ ଭାଇମାନେ ସିଂହାସନ ଲାଭ ପାଇଁ ଚକ୍ରାନ୍ତ କରିଥିଲେ । କେତେକ ସମ୍ଭ୍ରାନ୍ତ ଓ ଉଚ୍ଚପଦସ୍ଥ କର୍ମଚାରୀ ମଧ୍ୟ ହୁମାୟୁନଙ୍କ ବିରୋଧରେ ଚକ୍ରାନ୍ତ କରିଥିଲେ । ନୂଆ କରି ଗଢ଼ା ଯାଇଥିବା ସେନାବାହିନୀ ମଧ୍ୟ ଦୃଢ଼ ନଥିଲା। ଏପରି ଭାବରେ ସବୁଆଡୁ ବିପଦ ମାଡ଼ି ଆସିଲା। ନିଜର ସାହସ ଓ ଦକ୍ଷତା ଅଭାବରୁ ହୁମାୟୁନ୍ ଏହି ପରିସ୍ଥିତିର ମୁକାବିଲା କରିପାରିଲେ ନାହିଁ । ପରିଣାମରେ ତାଙ୍କୁ ନିଜର ରାଜ୍ୟ ହରାଇବାକୁ ପଡ଼ିଥିଲା ।



ହୁମାୟୁନ୍

**ଚିନ୍ତା କର**

ହୁମାୟୁନଙ୍କ ସ୍ଥାନରେ ନିଜକୁ ରଖି, ଏହିପରି ପରିସ୍ଥିତିରେ ତୁମ ସାମ୍ରାଜ୍ୟକୁ ତୁମେ କିପରି ରକ୍ଷା କରିଥାନ୍ତ ?

## ଶେର୍‌ଶାହାଙ୍କ ସହିତ ସଂଘର୍ଷ



ଶେର୍‌ଶାହା

ହୁମାୟୁନ୍ ବାହାଦୂର ଶାହାଙ୍କୁ ପରାସ୍ତ କରି ଗୁଜୁରାଟ ଓ ମାଳବ ଅଧିକାର କରିଥିଲେ । ପଶ୍ଚିମରେ ବାହାଦୂର ଶାହଙ୍କ ଭଳି ପୂର୍ବରେ ଶେର୍ ଖାଁ ପରାକ୍ରମୀ ଆଫଗାନ ବିଦ୍ରୋହୀଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସିଂହାସନ ଆରୋହଣ ପରେ ହୁମାୟୁନ୍ ଶେର୍ ଖାଁଙ୍କ ବିରୋଧରେ ଯୁଦ୍ଧ ଯାତ୍ରା କରିଥିଲେ ଓ ଶେର ଖାଁ ଆତ୍ମସମର୍ପଣ କରିଥିଲେ ।

ପରେ ଯେତେବେଳେ ହୁମାୟୁନ୍ ବାହାଦୂର ଶାହଙ୍କ ସହିତ ଯୁଦ୍ଧରତ ଥିଲେ, ଶେର୍ ଖାଁ ପୁଣି ବଙ୍ଗ ରାଜ୍ୟ ଆକ୍ରମଣ କରିଥିଲେ । ସେହି ସମୟରେ ବଙ୍ଗର ରାଜା ସୁଲତାନ ମାହାମୁଦ୍ ଶାହା ବହୁତ ଅର୍ଥ ଦେଇ ଶେର୍ ଖାଁଙ୍କ ସହିତ

ସନ୍ଧି କରିବା ପାଇଁ ବାଧ୍ୟ ହେଲେ । ଫଳରେ ଶେର୍ ଖାଁଙ୍କ ପ୍ରଭାବ ସମଗ୍ର ବିହାର ଓ ବଙ୍ଗଳାରେ ପ୍ରତିଷ୍ଠିତ ହେଲା।

> **ତୁମେ ଜାଣିଛ କି?**
> ହୁମାୟୁନ୍ ଶବ୍ଦର ଅର୍ଥ ହେଲା 'ଭାଗ୍ୟହୀନ'।

୧୫୩୭ ଖ୍ରୀଷ୍ଟାବ୍ଦରେ ହୁମାୟୁନ୍ ଗୁଜୁରାଟରୁ ଫେରି ଶେର୍ ଖାଁଙ୍କ ବିରୋଧରେ ଯୁଦ୍ଧ କରି ଚୁନାରଦୁର୍ଗ ଅଧିକାର କରିଥିଲେ । ଏହା ପରେ ସେ ବଙ୍ଗ ଯାତ୍ରା କରି ଗୌଡ଼ ଅଧିକାର କରିଥିଲେ । ଶେର୍ ଖାଁ ନାରା, ବନାରସ ଓ ଜୌନପୁର ଅଧିକାର କରିନେଲେ । କୋଶି ଓ ଗଙ୍ଗାନଦୀର ମଧ୍ୟବର୍ତ୍ତୀ ଅଂଚଳ ଶେର୍ ଖାଁଙ୍କ ଅଧୀନକୁ ଆସିଲା । ଏହା ଶୁଣି ହୁମାୟୁନ୍ ଆଗ୍ରା ଅଭିମୁଖେ ଯାତ୍ରା କରିବା ବେଳେ, ଶେର୍ ଖାଁ ପଥ ଅବରୋଧ କରିଥିଲେ । ଚୌସାଠାରେ ୧୫୩୯ ଖ୍ରୀଷ୍ଟାବ୍ଦରେ ପରସ୍ପର ମଧ୍ୟରେ ଯୁଦ୍ଧ ହେଲା। ଏହି ଯୁଦ୍ଧରେ ହୁମାୟୁନ୍ ପରାସ୍ତ ହେଲେ । ଫଳରେ ଜୀବନ ରକ୍ଷାପାଇଁ ଆଗ୍ରାକୁ ଫେରିଗଲେ।

୧୫୪୦ ଖ୍ରୀଷ୍ଟାବ୍ଦରେ କନୌଜଠାରେ ହୁମାୟୁନ, ଶେର୍‌ଶାହାଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ଦିଲ୍ଲୀ ସିଂହାସନ ହରାଇଲେ । ସେ ପରିବାର ସହ ପଞ୍ଜାବ ଓ ପରେ ପାରସ୍ୟ (ଇରାନ)କୁ ପଳାୟନ କଲେ ।

> **ଚିନ୍ତା କର:**
> ହୁମାୟୁନ୍ ଏକ ବିଫଳ ଶାସକ ରୂପେ କେଉଁ କାରଣରୁ ଇତିହାସରେ ନାମିତ, ଆଲୋଚନା କର ଏବଂ ଲେଖ ।

୧୫୪୦ ଖ୍ରୀଷ୍ଟାବ୍ଦରୁ ୧୫୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶେର୍‌ଶାହା ଭାରତରେ ଶାସନ କରିଥିଲେ । ଶେର୍‌ଶାହାଙ୍କ ମୃତ୍ୟୁ ପରେ ହୁମାୟୁନ୍ ନିଜ ରାଜ୍ୟ ଫେରି ପାଇବା ପାଇଁ ଚେଷ୍ଟା କଲେ । ସେ ପାରସ୍ୟ (ଇରାନ) ରାଜାଙ୍କ ସାହାଯ୍ୟରେ କାବୁଲ ଓ କାନ୍ଦାହାର ଅଧିକାର କରିଥିଲେ । ୧୫୫୫ ଖ୍ରୀଷ୍ଟାବ୍ଦରେ ପଞ୍ଜାବ ଜୟକରି ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ କିନ୍ତୁ ଫେରି ପାଇଥିବା ସାମ୍ରାଜ୍ୟକୁ ସେ ଏକବର୍ଷରୁ ଅଧିକ ସମୟ ଭୋଗ କରି ପାରିଲେ ନାହିଁ। ନିଜ ପାଠାଗାର ଶିଡ଼ିରୁ ତଳକୁ ଓହ୍ଲାଇବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ୧୫୫୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ ।

## ମୋଗଲ ସାମ୍ରାଜ୍ୟର ବିସ୍ତାର

ଆକବରଙ୍କଠାରୁ ଔରଙ୍ଗଜେବଙ୍କ ରାଜତ୍ୱ କାଳ ମଧ୍ୟଯୁଗୀୟ ଇତିହାସର ଏକ ଉଲ୍ଲେଖନୀୟ ସମୟ । ଏହି ସମୟରେ ମୋଗଲମାନେ ଭାରତର ଅଧିକାଂଶ ଅଂଚଳରେ କ୍ଷମତା ବିସ୍ତାର କରିବା ସହ ରାଜନୈତିକ ଏକତା ଆଣିଥିଲେ । ଏହା ସହିତ ସାହିତ୍ୟ, କଳା, କୃଷି ଓ ବାଣିଜ୍ୟର ବିକାଶ ହୋଇଥିଲା । ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟ ଫଳରେ ଭାରତରେ ଏକ ନୂତନ ସଂସ୍କୃତିର ଅଭ୍ୟୁଦୟ ହୋଇଥିଲା ।



## ଆକବର (୧୫୫୬–୧୬୦୫)

ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ମହାନୁଭବ ଆକବର ସର୍ବଶ୍ରେଷ୍ଠ ସମ୍ରାଟ ଥିଲେ । ତାଙ୍କ ପିତା ହୁମାୟୁନ୍‌ଙ୍କ ମୃତ୍ୟୁ ବେଳକୁ ଆକବରଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା। ସେ ସେତେବେଳେ ପଞ୍ଜାବର ଶାସନ ଦାୟିତ୍ୱରେ ଥିଲେ । ସେଠାରେ ସେ ମୋଗଲ ସମ୍ରାଟ ରୂପେ ଅଭିଷିକ୍ତ ହୋଇଥିଲେ କିନ୍ତୁ ପ୍ରକୃତ ପକ୍ଷେ ବୈରାମ୍ ଖାଁ ତାଙ୍କର ଅଭିଭାବକ ରୂପେ

ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ହୁମାୟୁନ୍‌ଙ୍କ ମୃତ୍ୟୁ ପରେ ହିମୁ ମୋଗଲମାନଙ୍କୁ ପରାସ୍ତ କରି ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ । ସେ ଶେର୍‌ଶାହଙ୍କ ବଂଶର ଜଣେ ରାଜାଙ୍କର ସୁଯୋଗ୍ୟ ମନ୍ତ୍ରୀ ଓ ସେନାପତି ଥିଲେ । ଆକବର ବୈରାମ୍ ଖାଁଙ୍କ ସାହାଯ୍ୟରେ ହିମୁଙ୍କୁ ଦ୍ୱିତୀୟ ପାନିପଥ ଯୁଦ୍ଧରେ ୧୫୫୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରିଥିଲେ । ସେ ଦିଲ୍ଲୀ ଓ ଆଗ୍ରାକୁ ଅଧିକାର କରି ମୋଗଲ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିଥିଲେ ।

**ଚିନ୍ତା କର**

ତୁମ ମତରେ ପ୍ରଥମ ଓ ଦ୍ୱିତୀୟ ପାନିପଥ ଯୁଦ୍ଧ ମଧ୍ୟରୁ କେଉଁଟି ଅଧିକ ମହତ୍ତ୍ୱପୂର୍ଣ୍ଣ ଓ କାହିଁକି ?

## ଆକବରଙ୍କ ସାମ୍ରାଜ୍ୟ ବିସ୍ତାର:

ଆକବର ଜଣେ ବୀର ଓ ଯୋଦ୍ଧା ଥିଲେ  ତେଣୁ ସେ କ୍ଷମତାସୀନ ହେବା ପରେ ଆଜମୀର, ଗୋଆଲିଅର, ଅଯୋଧ୍ୟା, ଜୌନପୁର, ମାଳବ ଓ ଗଣ୍ଡଓ୍ୱାନା ଆଦି ରାଜ୍ୟ ଜୟ କରିଥିଲେ । ଫଳରେ ମୋଗଲ ସାମ୍ରାଜ୍ୟ ରାଜପୁତ୍ ରାଜ୍ୟଗୁଡ଼ିକର ସୀମାକୁ ସ୍ପର୍ଶ କଲା। ସେହି ସମୟରେ ରାଜପୁତ୍‌ମାନେ ଅତ୍ୟନ୍ତ ଯୁଦ୍ଧପ୍ରିୟ, ସାହସୀ ଏବଂ ଦେଶଭକ୍ତ ଥିଲେ  ତେଣୁ ଆକବର ହୃଦୟଙ୍ଗମ କଲେ ଯେ, ସେମାନଙ୍କର ସାହାଯ୍ୟ ନେଇ, ସେ ସାମ୍ରାଜ୍ୟକୁ ଆହୁରି ସୁଦୃଢ଼ କରିପାରିବେ  ତେଣୁ ସେ ରାଜପୁତ୍‌ମାନଙ୍କ ପ୍ରତି ଉଦାରନୀତି ଗ୍ରହଣ କଲେ ଓ ସେମାନଙ୍କ ସହିତ ବୈବାହିକ ସଂପର୍କ ସ୍ଥାପନ କରିଥିଲେ । ସେ ନିଜେ ରାଜପୁତ୍ ରମଣୀଙ୍କୁ ବିବାହ କରିଥିଲେ । ରାଜା ମାନସିଂ ଆକବରଙ୍କ ଜଣେ ପ୍ରଧାନ ସେନାପତି ଥିଲେ । ମେଓ୍ୱାରର ରାଣା ପ୍ରତାପ ସିଂହ ଆକବରଙ୍କ ବଶତା  ସ୍ୱୀକାର କରି ନ ଥିଲେ ତେଣୁ ଆକବର ମାନସିଂହଙ୍କୁ ରାଣା ପ୍ରତାପଙ୍କ ରାଜ୍ୟ ଆକ୍ରମଣ ପାଇଁ ପଠାଇଥିଲେ । ୧୫୭୬ ଖ୍ରୀଷ୍ଟାବ୍ଦରେ ହଳଦୀଘାଟ ଯୁଦ୍ଧରେ ମାନସିଂହଙ୍କ ନେତୃତ୍ୱରେ ମୋଗଲମାନେ ରାଣା ପ୍ରତାପଙ୍କୁ ପରାଜିତ କରି ଚିତୋର ଦୁର୍ଗ ଅଧିକାର କଲେ ।






### ତୁମ ପାଇଁ କାମ

ଭାରତ ମାନଚିତ୍ରରେ ଆକବର ଜୟ କରିଥିବା ରାଜ୍ୟଗୁଡ଼ିକ ଚିହ୍ନଟ କରି ସେଗୁଡ଼ିକର ନାମ ଲେଖ ।

### ଚିନ୍ତା କର

ଆକବର ତୁମ ବୟସର ଥିବା ବେଳେ ଶାସନ ଭାର ଗ୍ରହଣ କରିଥିଲେ । ମନେକର, ତୁମେ ଏକ ରାଜ୍ୟ ପାଇଛ । ସେହି ରାଜ୍ୟକୁ ତୁମେ ସ୍ଥାୟୀ ଏବଂ ସମୃଦ୍ଧିଶାଳୀ କିପରି କରିବ ?

ତାପରେ ଆକବର ସେ ସମୟର ଧନଶାଳୀ ରାଜ୍ୟ ରୂପେ ପରିଗଣିତ ହେଉଥିବା ଗୁଜୁରାଟ ଜୟ କରିଥିଲେ । ଗୁଜୁରାଟର ବନ୍ଦରଗୁଡ଼ିକରୁ ଆରବ ତଥା ଇଉରୋପର ବିଭିନ୍ନ ଦେଶ ସହ ବାଣିଜ୍ୟ କାରବାର ହେଉଥିଲା। ତେଣୁ ରାଜକୋଷକୁ ବାଣିଜ୍ୟ କର ଆକାରରେ ପ୍ରଚୁର ଅର୍ଥ ଆସିଲା। ଠିକ୍ ସେହିପରି ବଙ୍ଗ ମଧ୍ୟ କୃଷି ଓ ବାଣିଜ୍ୟ ପାଇଁ ପ୍ରସିଦ୍ଧ ଥିଲା। ବଙ୍ଗକୁ ଚୀନ ଓ ଦକ୍ଷିଣ ପୂର୍ବ ଏସିଆର ବଣିକମାନେ ଆସି ଚିନାମାଟି ପାତ୍ର ଓ ମସଲା ଦ୍ରବ୍ୟ ବଦଳରେ ନାନା ରକମର ବସ୍ତ୍ର କିଣୁଥିଲେ । ଆକବର ବଙ୍ଗ ଜୟ କରି ବିଶେଷ ଭାବରେ ଲାଭବାନ ହୋଇଥିଲେ । ଆକବର ୧୫୯୫ ଖ୍ରୀଷ୍ଟାବ୍ଦ ସୁଦ୍ଧା କାଶ୍ମୀର, ସିନ୍ଧୁ, ଓଡ଼ିଶା, କାନ୍ଦାହାର ପ୍ରଭୃତି ଜୟ କରିଥିଲେ । କେବଳ ଆସାମ ବ୍ୟତୀତ ସମଗ୍ର ଉତ୍ତର ଭାରତ ଆକବରଙ୍କ ଅଧୀନରେ ରହିଲା। ମଧ୍ୟ ଏସିଆ ଓ ପାରସ୍ୟ ସହିତ ଭାରତର ସୁସଂପର୍କ ସ୍ଥାପିତ ହେବାରୁ ବାଣିଜ୍ୟ କାରବାର ବୃଦ୍ଧି ପାଇଲା ଓ ମୋଗଲ ସାମ୍ରାଜ୍ୟର ଉତ୍ତର ସୀମାନ୍ତ ସୁରକ୍ଷିତ ହୋଇ ପାରିଲା। ଆକବର ଦକ୍ଷିଣ ଭାରତର ଖାନ୍ଦେଶ, ବେରାର ଓ ଅହମ୍ମଦନଗର ରାଜ୍ୟଗୁଡ଼ିକର କେତେକାଂଶ ଜୟ କରିଥିଲେ ।



### ଆକବରଙ୍କ ଶାସନ

ଆକବରଙ୍କ ଶାସନ ନୀତି ଥିଲା ପ୍ରଜାମଙ୍ଗଳକାରୀ । ରାଜା ଥିଲେ ଶାସନର ସର୍ବୋଚ୍ଚ କର୍ତ୍ତା। ସେ ସେନାବାହିନୀର ମୁଖ୍ୟ ଓ ସର୍ବୋଚ୍ଚ ନ୍ୟାୟଧୀଶ । ଶାସନ କାର୍ଯ୍ୟର ସୁପରିଚାଳନା ପାଇଁ ଅନେକ ରାଜକର୍ମଚାରୀଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଦେଇଥିଲେ । ସେମାନଙ୍କ ମଧ୍ୟରେ ଦେୱାନ୍ ଅର୍ଥ ବିଭାଗ ଦାୟିତ୍ୱରେ, ବକ୍ସି ସୈନ୍ୟ ବିଭାଗ, କାଜୀ ଆଇନ ଓ ବିଚାର ବିଭାଗ ଏବଂ ଡାକ ଚୌକି ଦାରୋଗା ଡାକ ଓ ଗୁପ୍ତଚର ବିଭାଗ ଦାୟିତ୍ୱରେ ଥିଲେ । ଆକବର ନିଜର ସାମ୍ରାଜ୍ୟକୁ ୧୫ଟି ସୁବା ବା

ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସୁବା କେତେଗୁଡ଼ିଏ ସରକାର ବା ଜିଲ୍ଲା ଓ ପ୍ରତ୍ୟେକ ଜିଲ୍ଲା ଅନେକ ପ୍ରଗଣାରେ ବିଭକ୍ତ ହୋଇଥିଲା। କେତେଗୁଡ଼ିଏ ଗ୍ରାମର ସମଷ୍ଟିରେ ଏକ ପ୍ରଗଣା ଗଠିତ ହୋଇଥିଲା। ସୁବାର ମୁଖ୍ୟ ଶାସକ ଥିଲେ ସୁବାଦାର । ଆକବର ଦୁଇଟି ସୂତ୍ରରୁ ରାଜସ୍ୱ ଆଦାୟ କରୁଥିଲେ । ସେଥିରୁ ଗୋଟିଏ ଭୂ-ରାଜସ୍ୱ ଓ ଅନ୍ୟଟି ହେଲା ବାଣିଜ୍ୟ କର । ରାଜା ତୋଡ଼ରମଲ୍ଲ ତାଙ୍କର ରାଜସ୍ୱ ମନ୍ତ୍ରୀ ଥିଲେ । ତୋଡ଼ରମଲ୍ଲଙ୍କ ବନ୍ଦୋବସ୍ତ ଅନୁଯାୟୀ ଜମିଗୁଡ଼ିକୁ ମାପ କରାଯାଇ ଥିଲା। ସାଧାରଣତଃ କୃଷକମାନେ ଆୟର ଏକ ତୃତୀୟାଂଶ କର ଶସ୍ୟ କିମ୍ବା ମୁଦ୍ରା ଆକାରରେ ଦେଉଥିଲେ ।

ସୈନ୍ୟବାହିନୀଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆକବର ମନ୍‌ସବ୍‌ଦାରୀ ପ୍ରଥା ପ୍ରଚଳନ କରିଥିଲେ । ରାଜ କର୍ମଚାରୀ, ସାମନ୍ତ ଓ ସେନାପତିମାନଙ୍କୁ ଏହି ପଦବୀ ମିଳୁଥିଲା। ଆକବର ମନ୍‌ସବ୍‌ଦାରୀମାନଙ୍କୁ ୩୩ ଭାଗରେ ବିଭକ୍ତ କରିଥିଲେ। ବିଭିନ୍ନ ଶ୍ରେଣୀର ମନ ସବ୍‌ଦାରୀଙ୍କ ଅଧୀନରେ ୫ ରୁ ୧୦ହଜାର ପର୍ଯ୍ୟନ୍ତ ସୈନ୍ୟ ରହୁଥିଲେ ।

ତୁମ ବାପା ବର୍ତ୍ତମାନ କି କି ପ୍ରକାର କର ଦେଉଛନ୍ତି, ବୁଝି ଲେଖ ।

**ତୁମେ ଜାଣିଛ କି?**

'ମନସବ'ର ଅର୍ଥ ଏକ ପଦବୀ ଏବଂ ଏହା ଜଣେ ବ୍ୟକ୍ତିଙ୍କୁ ଦିଆଯାଉଥିଲା, ଯାହାଙ୍କ ଅଧୀନରେ କିଛି ସଂଖ୍ୟକ ସୈନ୍ୟ ରହୁଥିଲେ ।

**ଚିନ୍ତା କର**

ଯେପରି ଆକବରଙ୍କ ଶାସନରେ ଦେଓ୍ୱାନ୍ ଅର୍ଥ ବିଭାଗ, କାଜୀ ଆଇନ ଓ ବିଚାର ମୁଖ୍ୟ ଥିଲେ ବର୍ତ୍ତମାନ ତୁମ ପ୍ରଦେଶର ବିଭିନ୍ନ ବିଭାଗର ମୁଖ୍ୟ କିଏ, ଆଲୋଚନା କରି ଲେଖ ।

## ଆକବରଙ୍କ ଧର୍ମନୀତି:

ଆକବର ତାଙ୍କ ଉଦାର ଧର୍ମନୀତି ପାଇଁ ସେ ଇତିହାସରେ ସ୍ମରଣୀୟ ହୋଇ ରହିଛନ୍ତି। ସେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ । ଆକବର ହିନ୍ଦୁମାନଙ୍କ ଉପରୁ ଜିଜିୟା କର ଓ ତୀର୍ଥଯାତ୍ରୀ କର ଉଠାଇ ଦେଇଥିଲେ । ଆକବର ବେଳେ ବେଳେ ହିନ୍ଦୁମାନଙ୍କ ପରି ବେଶପୋଷାକ ପିନ୍ଧୁଥିଲେ । ସେ ହିନ୍ଦୁ ପର୍ବପର୍ବାଣୀ ଓ ଉତ୍ସବରେ ଯୋଗ ଦେଉଥିଲେ । ଅନେକ ହିନ୍ଦୁ ମନ୍ଦିର ମଧ୍ୟ ତାଙ୍କ ସମୟରେ ନିର୍ମିତ ହୋଇଥିଲା।

**ତୁମେ ଜାଣିଛ କି ?**

ଦିନ୍-ଇ-ଇଲାହୀର ପ୍ରକୃତ ଅର୍ଥ ହେଲା ସ୍ୱର୍ଗୀୟ ବିଶ୍ୱାସ



ଇବାଦତ୍‌ଖାନା

ଭାରତରେ ଏକ ସାର୍ବଜନୀନ ଧର୍ମ ପ୍ରତିଷ୍ଠା କରିବା ଆକବରଙ୍କର ଲକ୍ଷ୍ୟ ଥିଲା । ତେଣୁ ସେ ଫତେପୁରସିକ୍ରୀଠାରେ 'ଇବାଦତ୍‌ଖାନା' ନାମକ ଏକ ଉପାସନା ଗୃହ ୧୫୭୫ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ । ସେଠାରେ ହିନ୍ଦୁ, ମୁସଲମାନ, ପାର୍ସୀ, ଖ୍ରୀଷ୍ଟ ଓ ଜୈନଧର୍ମର ପଣ୍ଡିତମାନେ ଆକବରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ

ଧର୍ମଚର୍ଚ୍ଚା କରୁଥିଲେ । ସବୁଧର୍ମର ସାରକଥାକୁ ନେଇ ଆକବର ଏକ ନୂତନ ଧର୍ମ ସୃଷ୍ଟି କରିଥିଲେ। ତାହା 'ଦିନ୍-ଇ-ଇଲାହୀ' ନାମରେ ପ୍ରସିଦ୍ଧ । ଏହି ଧର୍ମ ଗ୍ରହଣ କରିବା ପାଇଁ ସେ କାହାକୁ ବାଧ କରୁ ନ ଥିଲେ ।



ବୁଲନ୍ଦ ଦରୱାଜା

## କଳା ଓ ସାହିତ୍ୟ

ଆକବରଙ୍କ ରାଜତ୍ୱ କାଳରେ କଳା ଓ ସାହିତ୍ୟର ଅନେକ ଉନ୍ନତି ସାଧିତ ହୋଇଥିଲା । ଆଗ୍ରା ନିକଟବର୍ତ୍ତୀ ଫତେପୁରସିକ୍ରୀଠାରେ ଏକ ନୂତନ ରାଜଧାନୀ ଆକବର ନିର୍ମାଣ କରିଥିଲେ । ସେଠାରେ ଲାଲ ପଥରରେ ଏକ ଅତି ସୁନ୍ଦର ରାଜପ୍ରାସାଦ ନିର୍ମିତ ହୋଇଥିଲା । ସେଠାରେ ବୁଲନ୍ଦ ଦରୱାଜା ନାମକ ଏକ ବିଶାଳ ଫାଟକ ନିର୍ମିତ ହୋଇଥିଲା ।

ଆକବରଙ୍କ ସମୟରେ ସଂସ୍କୃତ, ଆରବୀ, ପାର୍ସୀ, ହିନ୍ଦି ଭାଷା ଓ ସାହିତ୍ୟର ପ୍ରସାର ହୋଇଥିଲା। ପାର୍ସୀ ରାଜ ଭାଷା ଥିଲା । ତାଙ୍କ ରାଜଦରବାରରେ ବହୁତ ପଣ୍ଡିତ ଥିଲେ । ସେମାନଙ୍କ ମଧ୍ୟରୁ ଆବୁଲ ଫାଜଲ 'ଆକବରନାମା', 'ଆଇନ-ଇ-ଆକବରୀ' ନାମକ ଦୁଇଟି ଐତିହାସିକ ଗ୍ରନ୍ଥ ପାର୍ସୀ ଭାଷାରେ ରଚନା କରିଥିଲେ । ମହାଭାରତ ଓ ରାମାୟଣ ମଧ୍ୟ ପାର୍ସୀ ଭାଷାରେ ଅନୁବାଦିତ ହୋଇଥିଲା। ତୁଳସୀ ଦାସ ହିନ୍ଦୀ ରାମାୟଣ ରଚନା କରିଥିଲେ । ଯାହା 'ରାମଚରିତ ମାନସ' ନାମରେ ପରିଚିତ । ତାନସେନ ଆକବରଙ୍କ ଦରବାରର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ । ୧୬୦୫ ଖ୍ରୀଷ୍ଟାବ୍ଦରେ ଆକବରଙ୍କର ମୃତ୍ୟୁ ହୋଇଥିଲା।

## ଜାହାଙ୍ଗୀର (୧୬୦୫-୧୬୨୭)



ଆକବରଙ୍କ ଶାସନ ଉତ୍ତମ ଥିବା ଯୋଗୁଁ ମୋଗଲ ସାମ୍ରାଜ୍ୟ ସୁଦୃଢ଼ ଓ ସମୃଦ୍ଧିଶାଳୀ ହୋଇ ପାରିଥିଲା ତେଣୁ ଆକବରଙ୍କ ଉତ୍ତରାଧିକାରୀମାନଙ୍କୁ ଯଥା- ଜାହାଙ୍ଗୀର, ଶାହାଜାହାନ ଓ ଔରଙ୍ଗଜେବଙ୍କୁ ରାଜ୍ୟ ଶାସନ କରିବାରେ ବିଶେଷ ଅସୁବିଧା ହୋଇ ନ ଥିଲା।

ସମ୍ରାଟ ଆକବରଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଜାହାଙ୍ଗୀର ଆଗ୍ରାଠାରେ ୧୬୦୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ନୁର୍‌ଜାହାନ୍‌ଙ୍କୁ ବିବାହ କରିଥିଲେ । ନୁର୍‌ଜାହାନ୍ ଅତ୍ୟନ୍ତ ସୁନ୍ଦରୀ ଓ ବୁଦ୍ଧିମତୀ ଥିଲେ । ନିଜର ରୂପ, ଗୁଣ ଓ ବୁଦ୍ଧିବଳରେ ସେ ଜାହାଙ୍ଗୀରଙ୍କୁ ପ୍ରଭାବିତ କରି ପାରିଥିଲେ । ଜାହାଙ୍ଗୀର ବିଳାସପୂର୍ଣ୍ଣ ଜୀବନ ଯାପନ କରି ଯେତେବେଳେ ଶାସନ କାର୍ଯ୍ୟରେ ଅବହେଳା କରୁଥିଲେ, ନୁର୍‌ଜାହାନ୍ ଅନେକ ସମୟରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସରକାରୀ କାଗଜପତ୍ର ଓ ନିର୍ଦ୍ଦେଶନାମାରେ ନୁର୍‌ଜାହାନ୍ ଦସ୍ତଖତ କରୁଥିଲେ । ସେ ସମୟର ମୁଦ୍ରାରେ ଜାହାଙ୍ଗୀରଙ୍କ ସହିତ ନୁର୍‌ଜାହାନ୍‌ଙ୍କ ନାମ ମଧ୍ୟ ରହୁଥିଲା।

ଜାହାଙ୍ଗୀର ବଙ୍ଗଦେଶରେ ବିଦ୍ରୋହ ଦମନ କରି ସେଠାରେ ନିଜର କର୍ତ୍ତୃତ୍ୱ ଦୃଢ଼ କରିଥିଲେ । ମେୱାରର

ରାଜା ଅମର ସିଂହ ଜାହାଙ୍ଗୀରଙ୍କ ସହିତ ସନ୍ଧି କରି ତାଙ୍କର ବଶତା ସ୍ୱୀକାର କରିଥିଲେ । ଜାହାଙ୍ଗୀର ପଞ୍ଜାବର ପାହାଡ଼ିଆ ଅଂଚଳରେ ଅବସ୍ଥିତ କାଙ୍ଗ୍ରାଦୁର୍ଗ ଅଧିକାର କରିଥିଲେ । ଦାକ୍ଷିଣାତ୍ୟର ଅହମ୍ମଦନଗର ରାଜ୍ୟ ତାଙ୍କ ଅଧୀନକୁ ଆସିଥିଲା। ସେ ତାଙ୍କ ପିତାଙ୍କ ଭଳି ରାଜପୁତମାନଙ୍କ ସହିତ ବୈବାହିକ ସଂପର୍କ ଦ୍ୱାରା ବନ୍ଧୁତା ସ୍ଥାପନ କରିଥିଲେ ।

ଇଂଲଣ୍ଡର ରାଜା ପ୍ରଥମ ଜେମସ୍ ତାଙ୍କ ଦୂତ ରୂପେ ସାର୍ ଟମାସ୍ ରୋଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ପଠାଇଥିଲେ । ସାର୍ ଟମାସ୍ ରୋ ଜାହାଙ୍ଗୀରଙ୍କୁ ଭେଟି ତାଙ୍କଠାରୁ ଇଂରେଜମାନଙ୍କ ପାଇଁ ବାଣିଜ୍ୟ ସୁବିଧା ହାସଲ କରିଥିଲେ ।

ରାଜକୁମାର ଖୁରମ୍ ଏବଂ ଶାହାଜାହାନ୍, ଜାହାଙ୍ଗୀରଙ୍କ ଶାସନର ଶେଷ ବର୍ଷରେ ବିଦ୍ରୋହ କରିଥିଲେ । ୧୬୨୭ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଜାହାଙ୍ଗୀରଙ୍କ ମୃତ୍ୟୁ ହୋଇଥିଲା।

## ଶାହାଜାହାନ୍ (୧୬୨୭–୧୬୫୮)



ଜାହାଙ୍ଗୀରଙ୍କ ତୃତୀୟ ପୁତ୍ର ଶାହାଜାହାନ୍ ପିତାଙ୍କ ମୃତ୍ୟୁ ପରେ ୧୬୨୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୬୨୮ ଖ୍ରୀଷ୍ଟାବ୍ଦରେ ବୁନ୍ଦେଲଖଣ୍ଡର ବିଦ୍ରୋହ ଦମନ କଲେ । ସେହିପରି ୧୬୨୯ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ ଓ ଦାକ୍ଷିଣାତ୍ୟ ପ୍ରଶାସନ ଦାୟିତ୍ୱରେ ଥିବା ଖାଁ ଜାହାନ୍ ଲୋଦୀଙ୍କ ବିଦ୍ରୋହକୁ ଦମନ କରିଥିଲେ । ଏହା ପରେ ସେ ବଙ୍ଗଳାରେ ଥିବା ପର୍ତ୍ତୁଗୀଜ୍‌ମାନଙ୍କୁ ଆକ୍ରମଣ କରିବା ଫଳରେ ସେମାନେ ଆତ୍ମସମର୍ପଣ କରିଥିଲେ । କାନ୍ଦାହାର ଦୁର୍ଗର ଗୁରୁତ୍ୱ ଉପଲବ୍ଧି କରି ଶାହାଜାହାନ୍ ବହୁ ଚେଷ୍ଟା କରି ପାରସ୍ୟର ସମ୍ରାଟଙ୍କ କବଳରୁ ଏହାର ଉଦ୍ଧାର କରିଥିଲେ ହେଁ କିଛି ଦିନ ପରେ ଏହା ହରାଇ ଥିଲେ । ସେ ତିନିଥର କାନ୍ଦାହାର ଅଧିକାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଶେଷରେ ସେ ଅହମ୍ମଦନଗର ଜୟ କରିଥିଲେ ।

ବିଜାପୁର ଓ ଗୋଲକୁଣ୍ଡାର ସୁଲତାନ୍‌ମାନେ ଶାହାଜାହାନ୍‌ଙ୍କ ସହିତ ସନ୍ଧି କରି ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ଶାହାଜାହାନ୍ ନିଜର ପୁତ୍ର ଔରଙ୍ଗଜେବ୍‌ଙ୍କୁ ଦାକ୍ଷିଣାତ୍ୟର ସୁବାଦାର ରୂପେ ନିଯୁକ୍ତ କରିଥିଲେ ।



ତାଜମହଲ

ଶାହାଜାହାନ୍‌ଙ୍କ ରାଜତ୍ୱରେ ମୋଗଲ କଳା ଓ ସ୍ଥାପତ୍ୟ ବିକାଶର ଚରମ ସୀମାରେ ପହଞ୍ଚିଥିଲା। ଆଗ୍ରାରେ ଯମୁନାନଦୀ କୂଳରେ ଥିବା 'ତାଜମହଲ' ଶାହାଜାହାନ୍ ନିଜ ପତ୍ନୀ ମମତାଜ୍‌ଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ତିଆରି କରିଥିଲେ । ଏହି ତାଜମହଲ ଆଜି ମଧ୍ୟ ତାର ସୌନ୍ଦର୍ଯ୍ୟରେ ଦର୍ଶକ ମନକୁ

ଆକର୍ଷିତ କରୁଛି । ଏହା ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ଶାହାଜାହାନ୍‌ଙ୍କ ଜୁମା ମସଜିଦ୍, ମୋତି ମସଜିଦ୍, ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଥିଲା । ସେ ମଧ୍ୟ ଦିଲ୍ଲୀର ଉପକଣ୍ଠ ଯମୁନାନଦୀ କୂଳରେ, 'ଶାହାଜାହାନ୍‌ବାଦ' ନଗରୀ ପ୍ରତିଷ୍ଠା କରିଥିଲେ । ଏଠାରେ ଲାଲକିଲ୍ଲା ବା ରେଡଫୋର୍ଟ ନିର୍ମାଣ କରାଯାଇଥିଲା। ଏହି ଦୁର୍ଗ ମଧ୍ୟରେ ଥିବା ସୌଧମାନଙ୍କ ମଧ୍ୟରେ ମୋତି ମହଲ୍, ହୀରା ମହଲ୍, ରଙ୍ଗମହଲ୍, ଦେୱାନ୍-ଇ-ଖାସ୍ ଓ ଦେୱାନ୍-ଇ-ଆମ୍ ଉଲ୍ଲେଖନୀୟ ଅଟେ ।

ପରିଶେଷରେ ୧୬୬୬ ଖ୍ରୀଷ୍ଟାବ୍ଦରେ ୭୪ବର୍ଷ ବୟସରେ ଶାହାଜାହାନ ୮ ବର୍ଷ ବନ୍ଦୀଶାଳାରେ ଜୀବନ କଟାଇ ମୃତ୍ୟୁବରଣ କରିଥିଲେ ।

## ଔରଙ୍ଗଜେବ (୧୬୫୮-୧୭୦୭)

ପିତା ଶାହାଜାହାନ୍ ଜୀବିତ ଥିବା ଅବସ୍ଥାରେ ୧୬୫୮ ଖ୍ରୀଷ୍ଟାବ୍ଦରେ ଔରଙ୍ଗଜେବ୍ ସିଂହାସନ ଅଧିକାର କରିଥିଲେ ।


ଔରଙ୍ଗଜେବ୍

### ଧର୍ମନୀତି:

ଔରଙ୍ଗଜେବ୍ ଜଣେ ନୈଷ୍ଠିକ ମୁସଲମାନ ଥିଲେ । ହିନ୍ଦୁମାନଙ୍କ ପ୍ରତି ତାଙ୍କର ବିଦ୍ୱେଷ ମନୋଭାବ ଥିଲା। ସେ ହିନ୍ଦୁମାନଙ୍କ ଉପରେ ପୁଣିଥରେ ଜିଜିୟା ଓ ତୀର୍ଥଯାତ୍ରୀ କର ବସାଇଥିଲେ । ସେ ରାଜପୁତ୍‌ମାନଙ୍କୁ ମଧ୍ୟ ହତାଦର କରୁଥିଲେ । ଶିଖ ମାନଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିଲେ ଫଳରେ ଦେଶର ଚାରିଆଡେ ଅଶାନ୍ତି ଦେଖା ଦେଇଥିଲା। ଯାହାର ଫଳସ୍ୱରୂପ ଜାଠ୍, ଶିଖ, ସତ୍‌ନାମୀ, ବୁନ୍ଦେଲ୍, ରାଜପୁତ୍ ଓ ମରହଟ୍ଟାମାନେ ଔରଙ୍ଗଜେବଙ୍କ ଧର୍ମାନ୍ଧତା ଓ ହିନ୍ଦୁ ବିଦ୍ୱେଷ ନୀତି ବିରୁଦ୍ଧରେ ବିଦ୍ରୋହ କରିଥିଲେ ।

### ରାଜ୍ୟଜୟ ଓ ବିଦ୍ରୋହ ଦମନ:

ଔରଙ୍ଗଜେବ୍ ଆସାମ ଓ କୁଚବିହାର ଜୟ କରିଥିଲେ । ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ବାସ କରୁଥିବା ପାହାଡ଼ିଆ ଜାତିମାନଙ୍କର ବିଦ୍ରୋହ ଦମନ କରି ସେ ସୀମାନ୍ତରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ସେ ମଥୁରାର ଜାଠ ଓ ପଞ୍ଜାବର ସତ୍‌ନାମୀମାନଙ୍କର ବିଦ୍ରୋହ ଦୃଢ଼ ହସ୍ତରେ ଦମନ କରିଥିଲେ । ମେୱାରର ରାଜା ଜୟସିଂହ ଔରଙ୍ଗଜେବ୍‌ଙ୍କ ସହ ସନ୍ଧି କରିଥିଲେ କିନ୍ତୁ ଦୁର୍ଗାଦାସଙ୍କ ନେତୃତ୍ୱରେ ମାରୱାରର ରାଜପୁତମାନେ ଔରଙ୍ଗଜେବ୍‌ଙ୍କ ସହିତ ଅସୀମ ବୀରତ୍ୱର ସହ ଯୁଦ୍ଧ କରି ତାଙ୍କର ଅଧୀନତା ସ୍ୱୀକାର କରି ନ ଥିଲେ ।

ଔରଙ୍ଗଜେବ୍ ଶିଖ୍‌ମାନଙ୍କ ନବମଗୁରୁ 'ତେଗ୍ ବାହାଦୂର' ଇସଲାମଧର୍ମ ଗ୍ରହଣ କରିବାକୁ ମନା କରିବାରୁ ସେ ତାଙ୍କୁ ହତ୍ୟା କଲେ । ଫଳରେ ଶିଖମାନଙ୍କ ଦଶମଗୁରୁ ଗୋବିନ୍ଦସିଂହ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଔରଙ୍ଗଜେବ୍‌ଙ୍କ ବିରୋଧରେ ସଂଗ୍ରାମ ଚଳାଇ ଥିଲେ ।

**ତୁମେ ଜାଣିଛ କି ?**

ଔରଙ୍ଗଜେବ୍ ନୈଷ୍ଠିକ ମୁସଲମାନ ଥିଲେ । ସେ କେବଳ ମୁସଲମାନଙ୍କୁ ହିଁ ଭଲ ପାଉଥିଲେ ।

**ଚିନ୍ତା କର ।**

ତୁମ ମତରେ, ଜଣେ ରାଜାଙ୍କର ଧର୍ମନୀତି ଓ ରାଜ୍ୟଶାସନ ନୀତି ମଧ୍ୟରୁ କେଉଁଟା ପ୍ରଧାନ ଓ କାହିଁକି ? ଔରଙ୍ଗଜେବ୍‌ଙ୍କୁ ଦୃଷ୍ଟିରେ ରଖି ଚିନ୍ତା କର ।

ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନେ ଦାକ୍ଷିଣାତ୍ୟରେ କ୍ରମଶଃ କ୍ଷମତା ବିସ୍ତାର କରିଥିଲେ କିନ୍ତୁ ଅହମ୍ମଦନଗର, ଗୋଲକୁଣ୍ଡା ଓ ବିଜାପୁର ଜୟ କରି ଔରଙ୍ଗଜେବ୍ ମୋଗଲ ସାମ୍ରାଜ୍ୟଭୁକ୍ତ କରିଥିଲେ । ଭାରତର ପୂର୍ବ ଓ ପଶ୍ଚିମ ଉପକୂଳକୁ ଔରଙ୍ଗଜେବ୍ ପର୍ତ୍ତୁଗୀଜ୍ ଓ ଇଂରେଜମାନଙ୍କ ଉପଦ୍ରବରୁ ରକ୍ଷା କରିଥିଲେ । ସେ ପର୍ତ୍ତୁଗୀଜ ଜଳଦସ୍ୟୁମାନଙ୍କୁ ଜବତ କରି ଚଟ୍ଟଗ୍ରାମ ଅଧିକାର କରିଥିଲେ । ଔରଙ୍ଗଜେବ୍ ଇଂରେଜ ଜଳଦସ୍ୟୁମାନଙ୍କୁ ଦମନ କରି ସେମାନଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଜୋରିମାନା ଆଦାୟ କରିଥିଲେ ।




ଔରଙ୍ଗଜେବ୍ ୧୭୦୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ସେ ଜଣେ ସଂଯମୀ ଓ କର୍ତ୍ତବ୍ୟ ପରାୟଣ ରାଜା ଥିଲେ । ଅନ୍ୟ ମୋଗଲ ସମ୍ରାଟଙ୍କ ଭଳି ତାଙ୍କ ଜୀବନ ବିଳାସମୟ ନ ହୋଇ ସରଳ ଓ ନିରାଡ଼ମ୍ବର ଥିଲା ।

ନିମ୍ନ ଲିଖିତ ଟେବୁଲରେ ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୦୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶାସନ କରିଥିବା ମୋଗଲ ସମ୍ରାଟମାନଙ୍କ ନାମ ଓ ସମୟ ତାଲିକା କର ।

| ନାମ | ଖ୍ରୀଷ୍ଟାବ୍ଦ |
|---|---|
| | |

## ମୋଗଲ ଶାସକମାନଙ୍କର ଅନ୍ୟ ଶାସକମାନଙ୍କ ସହ ସଂପର୍କ:

ମୋଗଲମାନେ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ । ଭାରତର ଯେଉଁ ରାଜା ବଶତା ସ୍ୱୀକାର କରୁ ନ ଥିଲେ, ତାଙ୍କ ବିରୁଦ୍ଧରେ ସେମାନେ ଯୁଦ୍ଧ କରୁଥିଲେ ତେଣୁ ଭାରତର ଅନେକ ଶାସକ ସେମାନଙ୍କ ସହ ସନ୍ଧି କରିବା ପାଇଁ ଆଗେଇ ଆସୁଥିଲେ । ସେମାନଙ୍କମଧ୍ୟରୁ ରାଜପୁତ୍‌ମାନେ ପ୍ରଥମ ଥିଲେ । ଅନେକ ରାଜପୁତ୍ ରାଜା ସେମାନଙ୍କ କନ୍ୟାଙ୍କୁ ମୋଗଲ ପରିବାରରେ ବିବାହ କରାଇ ମୋଗଲ ଦରବାରରେ ଉଚ୍ଚ ପଦବୀ ପାଇଥିଲେ । ସେମାନଙ୍କ ମଧ୍ୟରୁ ଜାହାଙ୍ଗୀରଙ୍କ ମାତା ଅମ୍ବର(ଜୟପୁର)ର ଶାସକଙ୍କ ରାଜପୁତ କନ୍ୟା ଥିଲେ । ଶାହାଜାହାନ୍‌ଙ୍କ ମାତା ରାଠୋର ରାଜକୁମାରୀ ଥିଲେ, ଯେକି ମାରୱାରର (ଯୋଧପୁର) ଶାସକ ଥିଲେ ।

**ଚିନ୍ତା କର !**

ତୁମ ମତରେ ଜଣେ ଶାସକ ତାର ପଡୋଶୀ ରାଜ୍ୟମାନଙ୍କ ସହ କିପରି ସଂପର୍କ ରଖିବା ଉଚିତ ?

ଶିଶୋଦୀୟ ରାଜପୁତମାନେ ମୋଗଲ ଶାସକଙ୍କ ବଶତା ସ୍ୱୀକାର କରିବା ପାଇଁ ମନା କରିଥିଲେ । ମୋଗଲମାନେ ସେମାନଙ୍କୁ ପରାଜିତ କରିଥିଲେ । ମାତ୍ର ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇ ତାଙ୍କ ଜମିକୁ ଫେରାଇ ଦେଇଥିଲେ । ଶତ୍ରୁମାନେ ପରାଜିତ ହୋଇ ସାରିବା ପରେ ମଧ୍ୟ ମୋଗଲମାନେ ତାଙ୍କୁ ଅସମ୍ମାନ କରୁ ନ ଥିଲେ । ଫଳରେ ଅନେକ ରାଜପୁତ୍ ରାଜାମାନଙ୍କ ଉପରେ ମୋଗଲ ଶାସକମାନେ ପ୍ରଭାବ ବିସ୍ତାର କରିବା ଅତ୍ୟନ୍ତ ସୁବିଧା ହେଉଥିଲା କିନ୍ତୁ ଔରଙ୍ଗଜେବ୍ ଶାସକ ଥିବା ସମୟରେ ସେ ଶିବାଜୀଙ୍କୁ ଅପମାନିତ କରିବା ଦ୍ୱାରା ତାର କୁପ୍ରଭାବ ମୋଗଲ ସାମ୍ରାଜ୍ୟ ଉପରେ ପଡ଼ିଥିଲା ।

## ମୋଗଲ ଶାସନ:

ମୋଗଲମାନେ ଭାରତରେ ଯେ କେବଳ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ତାହା ନୁହେଁ, ସୁଶାସନ ମଧ୍ୟ ପ୍ରତିଷ୍ଠା କରିଥିଲେ । ସୁଶାସନ ପାଇଁ ମୋଗଲ ସମ୍ରାଟ ଆକବର ଇତିହାସରେ ଅମର ହୋଇ ରହିଛନ୍ତି ।

ଆକବରଙ୍କ ଶାସନ ନୀତି ଥିଲା କେନ୍ଦ୍ରୀୟ ରାଜତନ୍ତ୍ର । ରାଜା ଥିଲେ ଶାସନର ସର୍ବୋଚ୍ଚ କର୍ତ୍ତା- ସୈନ୍ୟବାହିନୀର ମୁଖ୍ୟ ଓ ସର୍ବୋଚ୍ଚ ନ୍ୟାୟାଧୀଶ । ଶାସନରେ ପରାମର୍ଶ ଦେବା ପାଇଁ ଏକ ମନ୍ତ୍ରୀ ପରିଷଦ ଓ ଅନ୍ୟାନ୍ୟ କର୍ମଚାରୀ ରଖିଥିଲେ ।

ଶାସନର ସୁପରିଚାଳନା ପାଇଁ ଆକବର ତାଙ୍କ ସାମ୍ରାଜ୍ୟକୁ ୧୫ଟି ସୁବା ବା ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସୁବାକୁ ଜଣେ ଜଣେ ସୁବାଦାର ଶାସନ କରୁଥିଲେ । ତାଙ୍କ ନିକଟରେ ଅନେକ ନିମ୍ନ ପଦସ୍ଥ କର୍ମଚାରୀ ରହୁଥିଲେ । ପ୍ରତ୍ୟେକ ସୁବା କେତେକ ସରକାର ବା ଜିଲ୍ଲାରେ ବିଭକ୍ତ ହୋଇଥିଲା । ଏହାର ଶାସନ କାର୍ଯ୍ୟ ମୁଖ୍ୟତଃ ଚାରିଜଣ କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିଲା । ପ୍ରତ୍ୟେକ 'ସରକାର' କେତେକ ପ୍ରଗଣାରେ ବିଭକ୍ତ ହୋଇଥିଲ । ଏବଂ ପ୍ରତ୍ୟେକଟି ପାଇଁ ଚାରିଜଣ ମୁଖ୍ୟ କର୍ମଚାରୀ ନିଯୁକ୍ତ ପାଇଥିଲେ । ଗ୍ରାମଗୁଡ଼ିକୁ ନେଇ 'ପ୍ରଗଣା' ଗଠିତ ହୋଇଥିଲା ।

ସାମରିକ ଶାସନ ବା ମନସବ୍‌ଦାରୀ ପ୍ରଥା ଆକବର ପ୍ରଚଳନ କରିଥିଲେ ।

ଆକବରଙ୍କ ସମୟରେ ସେ ହିନ୍ଦୁମାନଙ୍କ ଉପରୁ ତୀର୍ଥକର ଓ ଜିଜିୟା କର ଉଠାଇ ଦେଇଥିଲେ । ଭୂ-ରାଜସ୍ୱ ଦେଶର ସର୍ବଶ୍ରେଷ୍ଠ ଆୟ ଥିଲା । ଉତ୍ପାଦନର ୧/୩ ଅଂଶ ଭୂ-

**ଚିନ୍ତା କର ।**

ମୋଗଲମାନଙ୍କ ଶାସନ ପ୍ରଣାଳୀ ସହିତ ବର୍ତ୍ତମାନ ଆମ ଭାରତର ଶାସନ ପ୍ରଣାଳୀର କଣ ସାମଞ୍ଜସ୍ୟ ଅଛି, ଲେଖ ।

ରାଜସ୍ୱ ରୂପେ ନେଉଥିଲେ । ଆକବରଙ୍କ ବିଚାର ବ୍ୟବସ୍ଥା ମଧ୍ୟ ବହୁତ ଉନ୍ନତ ଧରଣର ଥିଲା। ହିନ୍ଦୁମାନଙ୍କ ପାଇଁ ହିନ୍ଦୁ ବିଚାରପତି ନିଯୁକ୍ତି ପାଇଥିଲେ ।

**ତୁମେ ଜାଣିଛ କି?**
ଆକବର ଓ ଜାହାଙ୍ଗୀରଙ୍କ ଶାସନ କାଳରେ ଧନୀ, ଗରିବ, କ୍ଷମତାଶାଳୀ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ସମାନ ନ୍ୟାୟ ପାଉଥିଲେ ।

## ମୋଗଲ ଶାସକମାନଙ୍କ ଧର୍ମନୀତି:

ମୋଗଲ ସମ୍ରାଟମାନେ ଇସଲାମ ଧର୍ମାବଲମ୍ବୀ ଥିଲେ ମଧ୍ୟ ଔରଙ୍ଗଜେବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ମୁସଲମାନ ଶାସକମାନେ ଅତ୍ୟନ୍ତ ଉଦାର ଥିଲେ । ପ୍ରାଚୀନ କାଳରୁ ଭାରତରେ ଦେଖା ଦେଇଥିବା ଧର୍ମଭାବନା ପ୍ରତି ସେମାନେ ସମ୍ମାନ ଜଣାଇଥିଲେ । ଏହି ସମୟରେ ଭାରତରେ ଶୈବ ଧର୍ମ, ବୈଷ୍ଣବଧର୍ମ, ଶିଖ ଧର୍ମ, ଇସଲାମ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ଜୈନ ଧର୍ମ ଏବଂ ଜୋରାଷ୍ଟର ଧର୍ମ ମଧ୍ୟ ପ୍ରଚଳିତ ଥିଲା। ଫଳରେ ସମସ୍ତ ଧର୍ମାବଲମ୍ବୀ ମଧ୍ୟରେ ସୁସଂପର୍କ ଥିଲା।

ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ମହାନୁଭବ ଆକବରଙ୍କ 'ଦିନ୍-ଇ-ଇଲାହୀ' ଧର୍ମ ଥିଲା ସବୁଠାରୁ ଶ୍ରେଷ୍ଠକୃତି । ପ୍ରତ୍ୟେକ ଧର୍ମ ମଧ୍ୟରେ ପ୍ରୀତି ସ୍ଥାପନ କରି ଏକ ସର୍ବଭାରତୀୟ ଜାତି ଗଠନ କରିବା ଆକବରଙ୍କ ଉଦ୍ଦେଶ୍ୟ ଥିଲା। ଆକବର ହିନ୍ଦୁମାନଙ୍କ ଉପରୁ ଘୃଣ୍ୟ ଯାତ୍ରୀ କର ଓ ଜିଜିୟା କର ଉଠାଇଦେଇ ସବୁ ଧର୍ମର ଲୋକଙ୍କୁ ସମାନ ସୁବିଧା ସୁଯୋଗ ଦେଇଥିଲେ ମାତ୍ର ଔରଙ୍ଗଜେବ୍‌ଙ୍କ ଶାସନ ସମୟରେ ହିନ୍ଦୁମାନଙ୍କୁ କୌଣସି ଉଚ୍ଚ ପଦ ପଦବୀରେ ନିଯୁକ୍ତି ଦିଆଗଲା ନାହିଁ । ଔରଙ୍ଗଜେବ୍‌ଙ୍କ ହିନ୍ଦୁ ବିରୋଧ ନୀତି ଯୋଗୁଁ ମୋଗଲ ସାମ୍ରାଜ୍ୟ ପତନଆଡ଼କୁ ଯାଇଥିଲା।

ମୋଗଲ ଶାସକଙ୍କ ଧର୍ମନୀତି ମଧ୍ୟରୁ ତୁମକୁ କାହା ଧର୍ମନୀତି ଭଲ ଲାଗୁଛି ଓ କାହିଁକି ? ଚିନ୍ତା କରି ଲେଖ ।

## ମୋଗଲ ଶାସନ ସମୟରେ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା

ମୋଗଲ ଶାସନ କାଳରେ ସମ୍ରାଟ ସମାଜର ପ୍ରଥମ ନାଗରିକ ଥିଲେ ଏବଂ ସାମ୍ରାଜ୍ଞୀ ସମାଜର ପ୍ରଥମ ମହିଳା ଥିଲେ । ତତ୍କାଳୀନ ମୁସଲମାନ ସମାଜ ଚାରିଶ୍ରେଣୀରେ ବିଭକ୍ତ ହୋଇଥିଲା। ସମ୍ରାଟଙ୍କ ପରେ ସମାଜରେ ସମ୍ଭ୍ରାନ୍ତ ଶ୍ରେଣୀ, ମଧ୍ୟବିତ୍ତ ଶ୍ରେଣୀ ଓ ସର୍ବନିମ୍ନ ଶ୍ରେଣୀ ରହୁଥିଲେ । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ବିଳାସରେ ଜୀବନ ଅତିବାହିତ କରୁଥିଲେ । ମଧ୍ୟବିତ୍ତ ଶ୍ରେଣୀରେ ବ୍ୟବସାୟୀ, ଲେଖକ, ବୈଦ୍ୟ, କଳାକାର, ଇତ୍ୟାଦି ଥିଲେ। ସର୍ବନିମ୍ନ ଶ୍ରେଣୀରେ କୃଷକ, ବଣିକ, ଶ୍ରମିକ, ସୁନାରୀ ଇତ୍ୟାଦି ଥିଲେ । ଏମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା। ସୁଲତାନୀ ଶାସନ ପରି ମୋଗଲ ଶାସନ କାଳରେ ମଧ୍ୟ ସମାଜରେ ଦାସତ୍ୱ ପ୍ରଥା ପ୍ରଚଳନ ଥିଲା।

ମୁସଲମାନମାନେ ଭୋଜନରେ ଭାତ, ରୁଟି ଏବଂ ବିଭିନ୍ନ ପ୍ରକାର ମାଂସ ଖାଦ୍ୟରୂପେ ଗ୍ରହଣ କରୁଥିଲେ । ବିରିୟାନୀ ଏବଂ କଟମ୍ବର ସେମାନଙ୍କର ପ୍ରିୟ ଖାଦ୍ୟ ଥିଲା। ସେମାନେ ସେଓ, ଅଙ୍ଗୁର, ଡାଳିମ୍ବ ଆଦି ଫଳ ଖାଇବା ସହ ରଙ୍ଗୀନ ସରବତ ପାନୀୟ ଆକାରରେ ବ୍ୟବହାର କରୁଥିଲେ । ହିନ୍ଦୁମାନଙ୍କର ପ୍ରିୟଖାଦ୍ୟ ଖେଚୁଡ଼ି ଥିଲା। ଉତ୍ତର ଭାରତର

**ଚିନ୍ତା କର**
ମୋଗଲ ଯୁଗରେ ଯେଉଁ ଭଳି ସମାଜରେ ଶ୍ରେଣୀ ବିଭାଗ ଥିଲା, ବର୍ତ୍ତମାନ ଆମ ସମାଜରେ ସେପରି ଅଛି କି ?

ହିନ୍ଦୁମାନେ ମୁଖ୍ୟତଃ ରୁଟି ପ୍ରିୟ ଥିଲେ । ପର୍ବପର୍ବାଣୀରେ ହିନ୍ଦୁମାନେ ପୁରୀ, ଲୁଚି ଏବଂ ଖିରି ଆଦି ପ୍ରସ୍ତୁତ କରୁଥିଲେ ।

ମୋଗଲ ଶାସକମାନେ ଦାମୀ ପୋଷାକ ପରିଧାନ କରୁଥିଲେ । ମୁସଲମାନ ରମଣୀମାନେ ସାଲୱାର, କୁର୍ତ୍ତା ପରିଧାନ କରୁଥିଲେ । ସେମାନେ କଜ୍ଜଳ, ଅତର, ଗୋଲାପଜଳ, ନଖରଞ୍ଜକ, ମେହେନ୍ଦୀ ଆଦି ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିଲେ । ସେପରି ସମ୍ଭ୍ରାନ୍ତ ହିନ୍ଦୁମାନେ ମୂଲ୍ୟବାନ ପୋଷାକ ପରିଧାନ କରୁଥିଲେ । ସାଧାରଣ ଜନତା ମୋଟା ସୂତାରେ ବୁଣା ଯାଉଥିବା ପୋଷାକ ପିନ୍ଧୁଥିଲେ ଏବଂ ମୁଣ୍ଡରେ ପଗଡ଼ି ବାନ୍ଧୁଥିଲେ । ନାରୀମାନେ କଜ୍ଜଳ, ସିନ୍ଦୁର, ଅତର ଏବଂ ନଖରଂଜକ ଆଦି ବ୍ୟବହାର କରୁଥିଲେ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଚିତା କୁଟାଉଥିଲେ ।

ସେହି ସମୟରେ ମୁସଲମାନମାନେ ଖାଉଥିବା କେଉଁ ଖାଦ୍ୟ ବର୍ତ୍ତମାନ ମଧ୍ୟ ମୁସଲମାନଙ୍କର ପ୍ରିୟ ଖାଦ୍ୟ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ମୋଗଲ ଯୁଗର ସମ୍ରାଟ ଓ ସମ୍ଭ୍ରାନ୍ତମାନେ ନୌବିହାର, ଶିକାର, ଖଣ୍ଡାଯୁଦ୍ଧ, ଘୋଡାଦୌଡ଼, ତୀରଚାଳନା ଦ୍ୱାରା ଅବସର ବିନୋଦନ କରୁଥିଲେ । ସାଧାରଣ ମୁସଲମାନମାନେ ଶତରଞ୍ଜ, ଗୁଡ଼ି ଉଡ଼ା, ପାରା ଉଡ଼ା, କୁକୁଡ଼ା ଲଢ଼େଇ ଆଦି ଖେଳରେ ଅବସର ବିନୋଦନ କରୁଥିଲେ । ଏହି ସମୟରେ ହିନ୍ଦୁମାନେ ମଲ୍ଲଯୁଦ୍ଧ, କୁସ୍ତି ଓ ଶିକାର ଆଦି ମାଧ୍ୟମରେ ଅବସର ବିନୋଦନ କରୁଥିଲେ । ଏହା ସହିତ ପଶାପାଲି, ବାଦ୍ୟଯନ୍ତ୍ର, ରାମଲୀଳା, କୃଷ୍ଣଲୀଳା ତଥା ଯାଦୁଖେଳ ଆଦି ଦର୍ଶନ କରି ଅବସର ବିନୋଦନ କରୁଥିଲେ ।

ମୁସଲମାନମାନେ ମହରମ୍, ଇଦ୍ ଏବଂ ହିନ୍ଦୁମାନେ ଜନ୍ମଉତ୍ସବ, ନାମକରଣ, ମୁଣ୍ଡନକର୍ମ, ରକ୍ଷାବନ୍ଧନ, ଜନ୍ମାଷ୍ଟମୀ, ଦୀପାବଳୀ, ଶିବରାତ୍ରୀ, ରାମ ନବମୀ ଆଦି ପର୍ବପର୍ବାଣୀ ପାଳନ କରୁଥିଲେ ।

ମୋଗଲ ସମୟରେ ହିନ୍ଦୁ ଓ ମୁସଲମାନ ନାରୀମାନେ ବ୍ୟବହାର କରୁଥିବା ପୋଷାକ ଓ ପ୍ରସାଧନ ସାମଗ୍ରୀ ମଧ୍ୟରୁ ବର୍ତ୍ତମାନ କେଉଁଗୁଡ଼ିକ ବ୍ୟବହାର ହେଉଛି, ଲେଖ ।

ମୋଗଲ ଯୁଗରେ ମୁସଲମାନମାନେ ବିଦ୍ୟାଳୟ ଶିକ୍ଷା ସମାପନ କରି ମଦ୍ରାସାରେ ଅଧ୍ୟୟନ କରୁଥିଲେ । ହିନ୍ଦୁ ଛାତ୍ରମାନେ ପ୍ରାଥମିକ ବିଦ୍ୟାଳୟ ବା ଟୋଲ ବିଦ୍ୟା ଲାଭ କରି ଉଚ୍ଚ ଶିକ୍ଷା ପାଇଁ ଶିକ୍ଷାକେନ୍ଦ୍ରକୁ ଯାଉଥିଲେ ।

## ସାହିତ୍ୟ, କଳା ଓ ସ୍ଥାପତ୍ୟର ବିକାଶ:

ମୋଗଲ ରାଜତ୍ୱ କାଳରେ ପାର୍ସୀ, ଆରବୀ, ଉର୍ଦ୍ଦୁ, ହିନ୍ଦୀ ଭାଷା ଓ ସାହିତ୍ୟରେ ବିଶେଷ ଉନ୍ନତି ସାଧିତ ହୋଇଥିଲା। ମୋଗଲ ଦରବାରରେ ଅନେକ ବିଶିଷ୍ଟ କବି, ସାହିତ୍ୟିକ ଓ ଐତିହାସିକ ଥିଲେ । ଆକବର ନିଜେ ନିରକ୍ଷର ଥିଲେ ମଧ୍ୟ ସାହିତ୍ୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା। ବାବର, ହୁମାୟୁନ୍, ଜାହାଙ୍ଗୀର ଓ ଔରଙ୍ଗଜେବ୍ ନିଜ ନିଜର ଆତ୍ମଚରିତ ଲେଖି ମୋଗଲ ଯୁଗର ସାହିତ୍ୟକୁ ପରିପୁଷ୍ଟ କରିଥିଲେ । କବୀର ଓ ତୁଳସୀଦାସଙ୍କ ରଚିତ ଗ୍ରନ୍ଥଗୁଡ଼ିକ ବେଶ ଜନପ୍ରିୟ ହୋଇ ପାରିଥିଲା। ଅନ୍ଧ କବି ସୁର ଦାସ 'ସୁରସାଗର' ରଚନା କରିଥିଲେ । ରସ ଖାଁଙ୍କ ଭକ୍ତି ଗୀତ ଗୁଡ଼ିକ ମଧ୍ୟରେ 'ପ୍ରେମ ବାଟିକା' ପ୍ରସିଦ୍ଧ । ଅନେକ ପ୍ରାଚୀନ ହିନ୍ଦୁ ଗ୍ରନ୍ଥ ପାର୍ସୀ ଭାଷାରେ ଅନୁବାଦିତ ହୋଇଥିଲା। ସାହିତ୍ୟ ମାଧ୍ୟମରେ ହିନ୍ଦୁ ଓ ଇସଲାମ ସଂସ୍କୃତିର ସମନ୍ୱୟ ଘଟିଥିଲା।

## କଳା ଓ ସ୍ଥାପତ୍ୟ:

ମୋଗଲ ଯୁଗର କଳା ଓ ସ୍ଥାପତ୍ୟ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଦୃତ ହୋଇଥିଲା। ମୋଗଲ ବଂଶର ଜନପ୍ରିୟ ଶାସକ ଆକବର ଏବଂ ଶାହାଜାହାନ୍‌ଙ୍କ ପୃଷ୍ଠପୋଷକତା ଲାଭ କରି ସେହି ସମୟରେ କଳା ଓ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ଶାହାଜାହାନ୍‌ଙ୍କ ରାଜତ୍ୱକାଳ ମୋଗଲ କଳା ଓ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ ରୂପେ ପ୍ରସିଦ୍ଧ ।

ମୋଗଲ ସମ୍ରାଟମାନେ ଅଜସ୍ର ଅର୍ଥ ବ୍ୟୟରେ କାରୁକାର୍ଯ୍ୟପୂର୍ଣ୍ଣ ମନୋରମ ରାଜପ୍ରସାଦ, ଦୁର୍ଗ, ମସଜିଦ, ସମାଧି, ସୌଧ ଆଦି ନିର୍ମାଣ କରିଥିଲେ । ଆକବରଙ୍କ ସମୟର ଆଗ୍ରାଦୁର୍ଗ, ଫତେପୁରସିକ୍ରିର ରାଜପ୍ରାସାଦ ଆଦି ଲାଲ ପଥରରେ ନିର୍ମିତ ହୋଇଥିଲା କିନ୍ତୁ ଶାହାଜାହାନ୍‌ଙ୍କ ସମୟରେ ମାର୍ବଲ ପଥରର ବ୍ୟବହାର ହେଲା। ଯମୁନା ନଦୀ କୂଳରେ ଥିବା ତାଜମହଲ ଶାହାଜାହାନ୍‌ଙ୍କ ଅଦ୍ୱିତୀୟ କୀର୍ତ୍ତି । ତାଙ୍କର ଅନ୍ୟାନ୍ୟ କୀର୍ତ୍ତିଗୁଡ଼ିକ ମଧ୍ୟରୁ ମୋତି ମସଜିଦ୍, ଲାଲକିଲ୍ଲା, ଜୁମା ମସଜିଦ୍ ଆଦି ପ୍ରସିଦ୍ଧ । ଏସବୁ କୀର୍ତ୍ତି ଇସଲାମ ଓ ଭାରତର କଳା ଶୈଳୀରେ ନିର୍ମିତ ହୋଇଥିଲା। ଏତଦ୍‌ବ୍ୟତୀତ ହୀରା, ମଣି ମୁକ୍ତା ଖଚିତ ବିଶ୍ୱ ବିଖ୍ୟାତ ମୟୂର ସିଂହାସନ ଶାହାଜାହାନ୍ ନିର୍ମାଣ କରିଥିଲେ ।

> ମୋଗଲ ସମ୍ରାଟମାନେ ତିଆରି କରିଥିବା କୀର୍ତ୍ତିଗୁଡ଼ିକୁ ତାଲିକା କର । ସେଗୁଡ଼ିକ ମଧ୍ୟରୁ ବର୍ତ୍ତମାନ କେଉଁ କେଉଁ କୀର୍ତ୍ତିଅଛି- ବୁଝି ଲେଖ ।

ଜାହାଙ୍ଗୀର୍‌ଙ୍କ ସମୟରେ ଚିତ୍ରକଳାର ବିକାଶ ହୋଇଥିଲା। ଜାହାଙ୍ଗୀର୍ ସାର୍ ଟମାସ୍ ରୋଙ୍କ ସଂସ୍ପର୍ଶରେ ଆସି ଇଉରୋପୀୟ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିଲେ । ବିସନ ଦାସ ତାଙ୍କ ଦରବାରର ଶ୍ରେଷ୍ଠ ଚିତ୍ରକର ଥିଲେ ।

### ଆମେ କଣ ଶିଖିଲେ ?

- ତୋଗଲକ ବଂଶର ପତନ ପରେ ଭାରତରେ ସୁଲତାନୀ ଶାସନ ଦୁର୍ବଳ ହୋଇ ପଡ଼ିଲା।
- ବାବର ପ୍ରଥମ ପାନିପଥ ଯୁଦ୍ଧରେ ଇବ୍ରାହୀମ ଲୋଦୀଙ୍କୁ ପରାସ୍ତ କରି ଭାରତରେ ମୋଗଲ ସାମ୍ରାଜ୍ୟର ମୂଳଦୁଆ ପକାଇଥିଲେ ।
- ବାବରଙ୍କ ପରେ ମୋଗଲ ସମ୍ରାଟ ହୁମାୟୁନ୍, ଆକବର, ଜାହାଙ୍ଗୀର, ଶାହାଜାହାନ ଓ ଔରଙ୍ଗଜେବ୍ ଦିଲ୍ଲୀ ସିଂହାସନରେ ବସି ଭାରତ ଶାସନ କରିଥିଲେ ।
- ମୋଗଲ ଶାସକମାନଙ୍କ ମଧ୍ୟରେ ଆକବର ସର୍ବଶ୍ରେଷ୍ଠ ଥିଲେ ।
- ଆକବର ସବୁ ଧର୍ମର ସାରକଥାକୁ ନେଇ 'ଦିନ୍-ଇ-ଇଲାହୀ' ନାମରେ ଏକ ନୂତନ ଧର୍ମ ସୃଷ୍ଟି କରିଥିଲେ ।
- ଶାହାଜାହାନ୍ ତାଜମହଲ ତିଆରି କରିଥିଲେ। ମୋଗଲ ସମ୍ରାଟମାନେ ଅନେକ ଗୁଡ଼ିଏ ମସଜିଦ୍, ଓ ଦୁର୍ଗ ଇତ୍ୟାଦି ତିଆରି କରିଥିଲେ ।
- ସୁଶାସନ ପାଇଁ ମୋଗଲ ସମ୍ରାଟ ଆକବର ବିଭିନ୍ନ ପ୍ରକାର ବ୍ୟବସ୍ଥା କରିଥିଲେ । ମୋଗଲ ଶାସନ ସମୟକୁ କଳା ଓ ସ୍ଥାପତ୍ୟର 'ସୁବର୍ଣ୍ଣ ଯୁଗ' କୁହାଯାଏ ।

# ପ୍ରଶ୍ନାବଳୀ

୧. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ତୋଗଲକ ବଂଶର ପତନ ପରେ ସୁଲତାନୀ ଶାସନ ଦୁର୍ବଳ ହୋଇ ପଡ଼ିଲା କାହିଁକି ?

ଖ) ବାବର ଭାରତରେ ମୋଗଲ ସାମ୍ରାଜ୍ୟର ମୂଳଦୁଆ ପକାଇଲେ କିପରି ?

ଗ) ହୁମାୟୁନ୍ କେଉଁ କେଉଁ ବିପଦର ସମ୍ମୁଖୀନ ହୋଇଥିଲେ ?

ଘ) ଶେର୍ ଖାଁ ହୁମାୟୁନଙ୍କୁ କିପରି ଅସୁବିଧାରେ ପକାଇଥିଲେ ?

ଙ) ଆକବର ମୋଗଲ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିଥିଲେ କିପରି ?

ଚ) ହଳଦୀଘାଟ ଯୁଦ୍ଧ କେତେ ଖ୍ରୀଷ୍ଟାବ୍ଦରେ ହୋଇଥିଲା ? ଏହି ଯୁଦ୍ଧର ଫଳାଫଳ କ'ଣ ହୋଇଥିଲା ?

ଛ) ଆକବର କାହିଁକି ଉଦାର ଧର୍ମନୀତି ଗ୍ରହଣ କରିଥିଲେ ?

ଜ) ନୁର୍‌ଜାହାନ୍ କିଏ ? ଜାହାଙ୍ଗୀର ଶାସନ କାଳରେ ତାଙ୍କର ଭୂମିକା କିପରି ଥିଲା ?

ଝ) ଶାହାଜାହାନ୍‌ଙ୍କ ସଫଳ କୃତିଗୁଡ଼ିକ କଣ ଥିଲା ?

ଞ) ଔରଙ୍ଗଜେବ୍‌ଙ୍କର ହିନ୍ଦୁମାନଙ୍କ ପ୍ରତି ମନୋଭାବ କିପରି ଥିଲା ?

ଟ) ମୋଗଲ ଶାସକମାନଙ୍କର ଅନ୍ୟ ଶାସକମାନଙ୍କ ସହ ସଂପର୍କ କିପରି ଥିଲା ?

ଠ) ମୋଗଲମାନଙ୍କର ଧର୍ମନୀତି କିପରି ଥିଲା ?

ଡ) ମୋଗଲ ଶାସନ ସମୟରେ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା କିପରି ଥିଲା ?

ଢ଼) ମୋଗଲ ରାଜତ୍ୱ କାଳରେ ଭାଷା ଓ ସାହିତ୍ୟର ଉନ୍ନତି କିପରି ହୋଇଥିଲା ?

ଣ) ମୋଗଲ ଶାସନ ସମୟକୁ କଳା ଓ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ କୁହାଯାଏ କାହିଁକି ?

୨. ତଳ ପ୍ରଶ୍ନର କେତେକ ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ସେଗୁଡ଼ିକ ମଧ୍ୟରୁ ଯେଉଁ ଉତ୍ତରଟି ଠିକ୍ ତା ପାଖରେ ଠିକ୍ (✓) ଚିହ୍ନ ଦିଅ।

କ) ବାବରଙ୍କ ପିତାଙ୍କ ନାମ କଣ ଥିଲା ?

( ) ଶେଖର ମିର୍ଜା, ( ) ଉମର୍ ଶେଖ୍ ମିର୍ଜା, ( ) ଶେଖ୍ ଉମର୍ ମିର୍ଜା, ( ) ଶେଖ୍ ମିର୍ଜା

ଖ) ଘାଘରା ଯୁଦ୍ଧ କେତେ ଖ୍ରୀଷ୍ଟାବ୍ଦରେ ହୋଇଥିଲା ?

( ) ୧୫୨୯ ଖ୍ରୀଷ୍ଟାବ୍ଦ, ( ) ୧୫୩୦ ଖ୍ରୀଷ୍ଟାବ୍ଦ, ( ) ୧୫୩୧ ଖ୍ରୀଷ୍ଟାବ୍ଦ, ( ) ୧୫୩୨ ଖ୍ରୀଷ୍ଟାବ୍ଦ

ଗ) ପାରସ୍ୟର ବର୍ତ୍ତମାନ ନାମ କ'ଣ ?

( ) ଇରାକ୍, ( ) କୁଏତ, ( ) ସାଉଦି ଆରବ, ( ) ଇରାନ

ଘ) ଆକବରଙ୍କ ଅଭିଭାବକଙ୍କ ନାମ କଣ ଥିଲା ?

( ) ବୈରାମ୍ ଖାଁ, ( ) ଛୋଟେ ଖାଁ, ( ) ବଡେ ଖାଁ, ( ) ଉମର୍ ଖାଁ

ଙ) ଆକବର୍ ନିଜ ସାମ୍ରାଜ୍ୟକୁ କେତୋଟି ସୁବାରେ ଭାଗ କରିଥିଲେ ?

( ) ୧୨ଟି, ( ) ୧୩ଟି, ( ) ୧୪ଟି, ( ) ୧୫ଟି

ଚ) ଆକବରଙ୍କର ଜ୍ୟେଷ୍ଠପୁତ୍ରଙ୍କ ନାମ କଣ ଥିଲା ?

( ) ଅଲିମ୍, ( ) ସଲିମ୍, ( ) ଖୁରମ୍, ( ) ହଲିମ୍

ଛ) ମୋଗଲ ଶାସନ ସମୟରେ ଗ୍ରାମଗୁଡ଼ିକୁ ନେଇ କ'ଣ ଗଠିତ ହୋଇଥିଲା ?

( ) ଜିଲ୍ଲା, ( ) ରାଜ୍ୟ, ( ) ପ୍ରଗଣା, ( ) ଦେଶ

ଜ) ଅନ୍ଧ କବି ସୁର ଦାସ କ'ଣ ରଚନା କରିଥିଲେ ?

( ) ସୁର ସାଗର, ( )ଅମୃତ ସାଗର, ( ) ରାମ ଚରିତ ମାନସ, ( ) ପ୍ରେମ ବାଟିକା

ଝ) ଫତେପୁର ସିକ୍ରି ରାଜପ୍ରାସାଦ କେଉଁ ପଥରରେ ନିର୍ମିତ ହୋଇଥିଲା ?

( ) ମୁଗୁନି ପଥର, ( ) ଲାଲ ପଥର, ( ) ମାର୍ବଲ ପଥର, ( ) ନୀଳ ପଥର

୩. ଭୁଲ ଥିଲେ ଠିକ୍ କରି ଲେଖ ।

କ) ବାବର ଚେଙ୍ଗିଜ ଖାଁଙ୍କ ବଂଶଧର ଥିଲେ ।

ଖ) ହୁମାୟୁନ୍ ମହମ୍ମଦ ଶାହାଙ୍କୁ ପରାସ୍ତ କରି ଗୁଜୁରାଟ ଓ ମାଳବ ଅଧିକାର କରିଥିଲେ ।

ଗ) ମାନ ସିଂଙ୍କ ନେତୃତ୍ୱରେ ମୋଗଲମାନେ ହଳଦୀଘାଟ ଯୁଦ୍ଧରେ ରାଣା ରତନଙ୍କୁ ପରାସ୍ତ କରିଥିଲେ ।

ଘ) ବୀରବଲ୍ ଆକବରଙ୍କ ଦରବାରରେ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ ।

ଙ) ଲାଲକିଲ୍ଲା ଆକବର ପ୍ରତିଷ୍ଠା କରିଥିଲେ ।

ଚ) ଔରଙ୍ଗଜେବ୍ ଶିଖମାନଙ୍କ ନବମ ଗୁରୁ ଗୋବିନ୍ଦ ସିଂଙ୍କୁ ହତ୍ୟା କରିଥିଲେ ।

ଛ) ମାରୱାରର ବର୍ତ୍ତମାନ ନାମ ଜୟପୁର ଅଟେ ।

ଜ) ଆକବର ଉତ୍ପାଦନର ଏକ ଚତୁର୍ଥାଂଶ ଭୂ-ରାଜସ୍ୱ ରୂପେ ନେଉଥିଲେ ।

ଝ) ମୋଗଲ ଶାସନ କାଳରେ ମୁସଲମାନ ସମାଜ ୫ ଭାଗରେ ବିଭକ୍ତ ହୋଇଥିଲେ ।

ଞ) ରମୁ ଖାଁ ସୁରସାଗର ରଚନା କରିଥିଲେ ।

୪. 'କ' ସ୍ତମ୍ଭରେ ଥିବା ସମୟକୁ 'ଖ' ସ୍ତମ୍ଭରେ ଥିବା ଘଟଣାକୁ ଗାର ଦେଇ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୫୩୦ ଖ୍ରୀଷ୍ଟାବ୍ଦ | ଆକବରଙ୍କ ଦ୍ୱାରା ଇବାଦତ୍‌ଖାନା ନିର୍ମାଣ |
| ୧୫୭୫ ଖ୍ରୀଷ୍ଟାବ୍ଦ | ଜାହାଙ୍ଗୀରଙ୍କ ସିଂହାସନ ଆରୋହଣ |
| ୧୬୦୫ ଖ୍ରୀଷ୍ଟାବ୍ଦ | ଶାହାଜାହାନ୍‌ଙ୍କ ମୃତ୍ୟୁ |
| ୧୬୬୬ ଖ୍ରୀଷ୍ଟାବ୍ଦ | ଔରଙ୍ଗଜେବ୍‌ଙ୍କ ସିଂହାସନ ଆରୋହଣ |
| ୧୬୫୮ ଖ୍ରୀଷ୍ଟାବ୍ଦ | ହୁମାୟୁନ୍‌ଙ୍କ ସିଂହାସନ ଆରୋହଣ |
| | ଆକବରଙ୍କ ମୃତ୍ୟୁ |

## ତୁମ ପାଇଁ କାମ

ବିଭିନ୍ନ ଐତିହାସିକ କୀର୍ତ୍ତିର ଫଟୋଚିତ୍ର ସଂଗ୍ରହ କରି ଆଲବମ୍‌ଟିଏ ପ୍ରସ୍ତୁତ କର ।